# ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

ନଂ ୨୪୩ ତା ୨୦/୨/୨୦୨୪

ଏତଦ୍ବାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ,ଟାଉନ ହାଇସ୍କୁଲ ସାମ୍ନା ହେମସୁରପଡା (ୱାର୍ଡ ନଂ-୧୯) ଭେଣ୍ଡିଙ୍ଗ ଜୋନରେ ନିର୍ମିତ ହୋଇଥିବା ୫୪ ଗୋଟି କ୍ୟାବିନକୁ ରାସ୍ତା କଡରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କ ମଧ୍ୟରେ ଆବଣ୍ଟନ କରାଯିବ ।

ଏଣୁ ଇଚ୍ଛୁକ ବ୍ୟବସାୟୀମାନେ ଉକ୍ତ କ୍ୟାବିନ ନେବା ନିମନ୍ତେ ତା.୨୦.୦୨.୨୦୨୪ରିଖ ଠାରୁ ତା.୨୮.୦୨.୨୦୨୪ରିଖ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଅନୁଗୋଳ ପୌରପାଳିକାରୁ ଆବେଦନ ପତ୍ର ନେଇ ପାରିବେ ଏବଂ ଫର୍ମ ଦାଖଲ କରିବାର ଶେଷ ତା. ୨୮.୦୨.୨୦୨୪ ରିଖ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟର ବାକ୍ସ (Drop Box) ମଧ୍ୟରେ ପକାଇପାରିବେ । ପ୍ରକାଶ ଥାଉ କି ।

୧) ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।

୨) କାର୍ଯ୍ୟାଳୟରେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମାତ୍ର ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ । ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀଙ୍କ ବୟସ ୧୪ବର୍ଷ ରୁ ଉର୍ଦ୍ଧ ହୋଇଥିବ ଏବଂ ଉକ୍ତ ବ୍ୟକ୍ତି ସହରର ଅନ୍ୟ କୌଣସି ଜାଗାରେ ଭେଣ୍ଡିଙ୍ଗକ୍ୟାବିନ ପାଇନଥିବ ।

୪) ଭେଣ୍ଡିଙ୍ଗ ଜୋନରେ କ୍ୟାବିନ ପାଇବା ପୂର୍ବରୁ ଉକ୍ତ ବ୍ୟକ୍ତି ଭେଣ୍ଡିଙ୍ଗ ଜୋନ ନିୟମ ୨୦୧୪ ଅନୁସାରେ ବ୍ୟବସାୟ କରୁଥିବେ ।

୫) ଯେଉଁ ବ୍ୟକ୍ତି ଭେଣ୍ଡିଙ୍ଗ ଜୋନ କ୍ୟାବିନ ପାଇବାକୁ ଉପଯୁକ୍ତ ହେବେ ସେମାନଙ୍କୁ ଅମାନତ ବାବଦରେ ମାତ୍ର ଟ.୫୦, ୦୦୦ଙ୍କା ଦାଖଲ କରିବାକୁ ପଡିବ ଓ ପରିଷଦ ଧାର୍ଯ୍ୟ କରିଥିବା ମାସିକ ଭଡା ଦେବାକୁ ପଡିବ ।

୬) ଦରଖାସ୍ତକାରୀ ରାସ୍ତାକଡ ବ୍ୟବସାୟୀ ଭାବେ ନିଜ ନାମକୁ ପଞ୍ଜିକରଣ କରିଥିବେ।

୭) ଅଗ୍ରାଧିକାର ଭିର୍ତ୍ତିରେ ଯଥା- ରାସ୍ତା କଡ ବୟସ୍କ ବ୍ୟବସାୟୀ,ଦିବ୍ୟାଙ୍ଗ ବ୍ୟବସାୟୀ, ବିଧବା , ଜନସୂଚିତ ଜାତି, ଜନ ସୂଚିତ ଉପଜାତି ,ପଛୁଆ ବର୍ଗ, ମହିଳା , ବେକାର ଯୁବକ / ଯୁବତୀ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ।

୮) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକୁ ନାକଚ କରିବାସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରଦ୍ଦ କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

କାର୍ଯ୍ୟନିର୍ବାହୀ ଅଧିକାରୀ ୨୦/୨/୨୦୨୪
ପୌରପାଳିକା,ଅନୁଗଳ

ପରିପତ୍ର ସଂଖ୍ୟା ନଂ ୨୨୦ ତା ୨୦/୨/୨୦୨୪

ଏହାର ଏକକିତା ନକଲ ନିର୍ଦ୍ଦେଶକ ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ 20/2/2024
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୨୨୧(ଓ) ତା ୨୦/୨/୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ପ୍ରକଳ୍ପ ଅଧିକାରୀ (ସହ ରାଞ୍ଚଳ) କାର୍ଯ୍ୟାଳୟ, ଅନୁଗୋଳ/ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ତହସିଲଦାର କାର୍ଯ୍ୟାଳୟ,ଅନୁଗୋଳ/ତାମଡା କାର୍ଯ୍ୟାଳୟ,ଅନୁଗୋଳ ଏବଂ ପୌରପାଳିକା କାର୍ଯ୍ୟାଳୟ,ଅନୁଗୋଳର ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଆପଣଙ୍କୁ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ 20/2/2024
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୨୨୨ ତା ୨୦/୨/୨୦୨୪

ଏହାର ଏକକିତା ନକଲ ମୁଖ୍ୟ ଯନ୍ତ୍ରୀ ତଥା ଅତିରିକ୍ତ ଶାସନ ସଚିବ, ସୂଚନା ଓ ଲୋକ ସଂମ୍ପର୍କ ବିଭାଗ ଓଡିଶା, ଭୁବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ଏବଂ ଉକ୍ତ ନୋଟିସ୍ କୁ ୧ ଗୋଟି ଦୈନିକ ଏବଂ ୧ ଗୋଟି ଆଞ୍ଚଳିକ ଖବର କାଗଜରେ ଏକ ଦିନ ପାଇଁ ପ୍ରକାଶ ତଥା ବହୁଳ ପ୍ରସାର କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ବିଲ୍ ପଇଠ କରିବାକୁ ଅନୁରୋଧ କରାଗଲା ।

20/2/2024
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୨୨୩ ତା ୨୦/୨/୨୦୨୪

ଏହାର ଏକକିତା ନକଲ ଜାତୀୟ ସୂଚନା କେନ୍ଦ୍ର ଅଧିକାରୀ, ଅନୁଗୋଳ ବିହିତ ଅବଗତି ଏବଂ ବହୁଳ ପ୍ରସାର କରିବା ନିମ୍ନନ୍ତେ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ 20/2/2024
ପୌରପାଳିକା,ଅନୁଗୋଳ